**(୭) ବାଲୁଙ୍ଗା ଦମନ :**

ବିହନ ବୁଣିବାର ୨୫-୩୦ ଦିନ ପରେ ଜମିରୁ ଥରେ ଘାସ ବାଛିବା ଦରକାର ।

**(୮) ଅମଳ :**

ଖେସାରୀ ଫସଲ ପାଚି ଆସିଲେ ଫଳଗୁଡ଼ିକ ହଳଦିଆ ପଡ଼ିଯାଇଥାନ୍ତି । ଏହି ସମୟରେ ଗଛ ଗୁଡ଼ିକୁ କାଟି ଅମଳ କରିବା ଦରକାର । ହେକ୍ଟର ପିଛା ୧୦-୧୫ କ୍ୱିଣ୍ଟାଲ ଅମଳ ମିଳିଥାଏ ।

**(୯) ସାଇତା ପ୍ରଣାଳୀ :**

ଖେସାରୀ ମଞ୍ଜିକୁ ଶୁଖାଇ ଆର୍ଦ୍ରତା ଶତକଡ଼ା ୧୨ ଭାଗ ରଖି ପଲିଥିନ୍ ଅଖାରେ ସାଇତି ରଖିବା ଉଚିତ୍ ।

**(୧୦) ନେଟ୍ ଆୟ :**

ଖେସାରୀ କ୍ୱିଣ୍ଟାଲ୍ ୨୫୦୦ ଟଙ୍କା ଦରରେ ବିକିଲେ ଏକ ହେକ୍ଟରରୁ ୧୨ କ୍ୱିଣ୍ଟାଲ ହିସାବରେ ୩୦,୦୦୦ ଟଙ୍କା ମିଳିବ । ଚାଷବାସ ସମସ୍ତ ଖର୍ଚ୍ଚ ପ୍ରାୟ ୨୦,୦୦୦ ଟଙ୍କା ଯାଇ ହେକ୍ଟର ପ୍ରତି ୧୦୦-୧୧୦ ଦିନ ମଧ୍ୟରେ ୧୦,୦୦୦ ଟଙ୍କା ଲାଭ ମିଳିବ ।

**ଆବଶ୍ୟକ ସୂଚନା :**

୧. ଉନ୍ନତ, ଅଧିକ ଅମଳକ୍ଷମ, ଋତୁନିର୍ଦ୍ଦିଷ୍ଟ, ନିରୋଳା ଓ ରୋଗ ପୋକ ସହଣୀ ବିହନର ବ୍ୟବହାର ।
୨. ବିହନ ବିଶୋଧନ ଓ ଉପଚାର ।
୩. ଅମ୍ଳ ମାଟିରେ ଚୂନ ବ୍ୟବହାର ।
୪. ଅନୁମୋଦିତ ସାର ପ୍ରୟୋଗ ।
୫. ଦରକାର ବେଳେ ଜଳସେଚନ (ଫୁଲ ଧରିବା ସମୟରେ ଏବଂ ଫଳ ବୃଦ୍ଧି ସମୟରେ) ଏବଂ ଶତକଡ଼ା ୨ ଭାଗ ଡ଼ି.ଏ.ପି. ସାର ସିଞ୍ଚନ ।
୬. ଠିକ୍ ସମୟରେ ପୋକ ରୋଗ ଦମନ ।

-୦-୦-୦-୦-

# ବୈଜ୍ଞାନିକ ପଦ୍ଧତିରେ ଖେସାରୀ ଚାଷ





ଓଡ଼ିଶା ଡ଼ାଲିଜାତୀୟ ଫସଲ ଯୋଜନା
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା,
ଏବଂ
ଅନ୍ତଃରାଷ୍ଟ୍ରୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା ସଂସ୍ଥାନ, ନୂଆଦିଲ୍ଲୀ

International Center for Agricultural Research in the Dry Areas (ICARDA)
South Asia & China Regional Program (SACRP)
NASC Complex, Pusa Campus, DPS Marg, New Delhi-110012
Phone : +91(11)25847505; Fax : +91(11)25847503

# ଖେସାରୀ

**ଉପକ୍ରମ :**

ରାଜ୍ୟରେ ୦.୦୬ ଲକ୍ଷ ହେକ୍ଟର ଜମିରେ ଖେସାରୀ ଧାନ କାଟିବାର କିଛି ଦିନ ପୂର୍ବରୁ ପାଇରା ଭାବେ ଚାଷ କରାଯାଏ ।

**(୧) ମୃତ୍ତିକା ଓ ଜଳବାୟୁ :**

ଖେସାରି ଅମ୍ଳାଧିକ ମାଟି ବ୍ୟତୀତ ଅନ୍ୟ ସବୁ ପ୍ରକାର ମାଟିରେ ଚାଷ କରାଯାଇପାରିବ । ଏହି ଫସଲର ଅତ୍ୟଧିକ ମରୁଡ଼ି ସହଣୀ କ୍ଷମତା ଥିବାରୁ ମରୁଡ଼ି ଦେଖାଦେଉଥିବା ଅଞ୍ଚଳରେ ଏହା ଚାଷ କଲେ ଅନ୍ୟ ମରୁଡ଼ି ସହିଷ୍ଣୁ ଡ଼ାଲି ଜାତୀୟ ଫସଲ (ବୁଟ ଓ ମସୁର) ଅପେକ୍ଷା ଭଲ ଅମଳ ମିଳିଥାଏ ।

**(୨) ବୁଣିବା ସମୟ :**

ଖେସାରୀ ଅକ୍ଟୋବର-ନଭେମ୍ବର ମାସରେ ଶୀତଦିନିଆ ଫସଲ ହିସାବରେ ବୁଣାଯାଏ । ଧାନ କାଟିବାର ୧୫ ଦିନ ପୂର୍ବରୁ ଜମିରେ ପାଇରା ଫସଲ ରୂପେ ମଧ୍ୟ ବୁଣାଯାଏ ।

**(୩) ଫସଲ ଖସଡ଼ା :**

ସାଧାରଣତଃ ଦୁଇ ପ୍ରକାରର ଖେସାରୀ ଦେଖିବାକୁ ମିଳେ । ବଡ଼ ଆକୃତିର ଖେସାରୀକୁ ଲାଖ୍ ବା ତଡିଓରା ଓ ଛୋଟ ଆକୃତିର ଖେସାରୀକୁ ଲାଖୋଡ଼ି କୁହାଯାଇଥାଏ । ଛୋଟ ଦାନା ବିଶିଷ୍ଟ ବିହନ ଧାନ ଜମିରେ ଉତ୍ତରା ବା ପାଇରା ଫସଲ ହିସାବରେ ଚାଷ କରାଯାଇଥାଏ ।

**(୪) ଜମି କର୍ଷଣ :**

ବର୍ଷାଦିନ ପରେ ଜମିକୁ ୨ ବା ୩ଥର ଚାଷ କରି ବିହନ ବୁଣିବାକୁ ପଡ଼ିଥାଏ ।

**(୫) ବିହନର ପରିମାଣ ଓ ବୁଣିବା କୌଶଳ :**

ବିହନର ଆକୃତି ଓ ବୁଣିବା ସମୟ ଅନୁଯାୀ ହେକ୍ଟର ପ୍ରତି ୫୦ କି.ଗ୍ରା.

**ଓଡ଼ିଶା ଡ଼ାଲିଜାତୀୟ ଫସଲ ଯୋଜନା ଅନ୍ତର୍ଭୁକ୍ତ ପରୀକ୍ଷାମୂଳକ ଉନ୍ନତ ଖେସାରୀ କିସମ**

| କିସମ | ଅବଧି(ଦିନ) | ଉଦ୍ଭବ ରାଜ୍ୟ | ଅମଳ (କୁଇଣ୍ଟାଲ) | ବିଶେଷ ଗୁଣାବଳୀ |
|---|---|---|---|---|
| ପ୍ରତୀକ | ୧୧୦-୧୧୫ | ଛତିଶଗଡ଼ | ୬-୯ (ପାଇରା) ଏବଂ ୧୦-୧୫ (ଏକ ଫସଲ) | ପାଉଁଶିଆ ରୋଗ ମଧ୍ୟମ ନିରୋଧକ । ସ୍ନାୟୁବିଷ (୦.୦୮%) |
| ରତନ | ୧୧୫ | ନୂଆଦିଲ୍ଲୀ | ୧୦-୧୫ | ବଡ଼ ଆକୃତି ମଞ୍ଜି । ଝାଉଁଳା ରୋଗ ସହନଶୀଳ । ସ୍ନାୟୁବିଷ (୦.୦୬%) । |

ବିହନ ଆବଶ୍ୟକ ହୋଇଥାଏ । ଏହା ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣାଯାଏ । ବିହନକୁ ୧୦ ସେ.ମି. ଗଭୀରରେ ପୋତିବା ଆବଶ୍ୟକ ।

**(୬) ସାର ପ୍ରୟୋଗ :**

ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା ଫସଫରସ୍ ଓ ୨୦ କି.ଗ୍ରା. ଗନ୍ଧକ ପ୍ରୟୋଗ କରିବା ଆବଶ୍ୟକ । ସବୁତକ ଯବକ୍ଷାରଜାନ, ଫସଫରସ୍ ଓ ଗନ୍ଧକ ଶେଷ ଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦେଇ ବିହନ ବୁଣିବା ବିଧେୟ ।